# ଯୋଗାଣ ଦର୍ପଣ

**ମାସିକ ସଂକ୍ଷିପ୍ତ ବିବରଣୀ । ସେପ୍ଟେମ୍ବର ୨୦୨୬**





# ବିଷୟସୂଚୀ


ମନ୍ତ୍ରୀଙ୍କ ବାର୍ତ୍ତା ------------------------------------------------ ପୃଷ୍ଠା ୦୨

ରାଜ୍ୟ ଯୋଗାଣ ନିଗମ ପ୍ରତିଷ୍ଠା ଦିବସ ------------ ପୃଷ୍ଠା ୦୩ - ୦୫

ଚାଷୀ ପଞ୍ଜିକରଣ ପ୍ରକ୍ରିୟାକୁ ସୁବ୍ୟବସ୍ଥିତ କରିବାକୁ
ବରିଷ୍ଠ ଅଧିକାରୀଙ୍କୁ ଦାୟିତ୍ୱ -------------- ପୃଷ୍ଠା ୦୬

ପୂର୍ବବର୍ଷ ତୁଳନାରେ ବୃଦ୍ଧି ପାଇଲା ଚାଷୀଙ୍କ ସଂଖ୍ୟା --------- ପୃଷ୍ଠା ୦୭

ମାନ୍ୟବର ମନ୍ତ୍ରୀ ଚଳିତ ମାସରେ ଗ୍ରହଣ କରିଥିବା
ଜନକଲ୍ୟାଣକାରୀ ପଦକ୍ଷେପ ---------- ପୃଷ୍ଠା ୦୮

ଯାନବାହନ ଅବସ୍ଥାନ ଟ୍ରାକିଂ ବ୍ୟବସ୍ଥା ---------------- ପୃଷ୍ଠା ୦୯

୧୯୬୭-ହେଲ୍ପଲାଇନ ନମ୍ବର ---------------------------------- ପୃଷ୍ଠା ୧୦

ରନ୍ଧନଗ୍ୟାସ କଳାବଜାରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନର ତଥ୍ୟ ----- ପୃଷ୍ଠା ୧୧

ସେପ୍ଟେମ୍ବର ମାସରେ ଉଠାଣ ଚାଉଳର ପରିମାଣ ------------------ ପୃଷ୍ଠା ୧୨ - ୧୩

ସେବା ସଂକଳ୍ପ ଅଭିଯାନର ଆରମ୍ଭ -------------- ପୃଷ୍ଠା ୧୪

**ଶ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର**
ମନ୍ତ୍ରୀ
ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ,
ବିଜ୍ଞାନ ଓ ବୈଷୟିକ



# ବାର୍ତ୍ତା

ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଅଧିନସ୍ଥ ଓଡ଼ିଶା ରାଜ୍ୟ ଯୋଗାଣ ନିଗମ ୪୭ ବର୍ଷରେ ପଦାର୍ପଣ କରିଛି |  ୪୭ ବର୍ଷର ଏହି ଲମ୍ବା ଯାତ୍ରାରେ ଓଡ଼ିଶା ରାଜ୍ୟ ଖାଦ୍ୟ ଯୋଗାଣ ନିଗମର ସେବା କରିବାର ସଂକଳ୍ପ ସେଭଳି ଅତୁଟ ରହିଛି। ନିଗମ ଚାଷୀ ସହ ଖାଉଟିଙ୍କ ଅଧିକାରର ସୁରକ୍ଷା ପର୍ଯ୍ୟନ୍ତ, ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଲକ୍ଷ ଲକ୍ଷ ଓଡ଼ିଆଙ୍କ ଜୀବନ ସହ ଯୋଡ଼ି ହୋଇ ନିଜର ଏକ ସ୍ୱତନ୍ତ୍ର ପରିଚୟ ଗଢ଼ିଛି ।

ଚାଷୀଙ୍କ ପାଖରୁ ଧାନ କ୍ରୟ କରିବା ହେଉ କି ହିତାଧିକାରୀଙ୍କୁ ଚାଉଳ ବଣ୍ଟନ କରିବା ହେଉ ଓଡିଶା ରାଜ୍ୟ ଖାଦ୍ୟ ଯୋଗାଣ ନିଗମ ଏହାର ସେବା ଦେଇଆସିଛି | ତେବେ ଏହି ଅବସରରେ ପ୍ରକାଶ ପାଇଥିବା ବିଶେଷ ପତ୍ରିକା 'ଯୋଗାଣ ଦର୍ପଣ' ମାଧ୍ୟମରେ ଜନସାଧାରଣ ଓଡ଼ିଶା ରାଜ୍ୟ ଯୋଗାଣ ନିଗମର କାର୍ଯ୍ୟଧାରା ବାବଦରେ ବିସ୍ତୃତ ଭାବେ ଜାଣିବାକୁ ପାଇବେ | ଏହି ପତ୍ରିକା ମାଧ୍ୟମରେ ନିଗମ ପକ୍ଷରୁ ଲୋକଙ୍କ ସୁବିଧା ପାଇଁ ନିଆଯାଉଥିବା ଅନେକ ପଦକ୍ଷେପ ବ୍ୟାପକ ସଚେତନତା ସୃଷ୍ଟି କରିବ ବୋଲି ମୋର ଆଶା ଓ ବିଶ୍ୱାସ | ପତ୍ରିକାର ସର୍ବାଙ୍ଗୀନ ସଫଳତା କାମନା କରିବା ସହ ରାଜ୍ୟବାସୀଙ୍କ ଉଜ୍ଜ୍ୱଳ ଓ ସମୃଦ୍ଧ ଭବିଷ୍ୟତ କାମନା କରୁଛି |

**(କୃଷ୍ଣ ଚନ୍ଦ୍ର ପାତ୍ର)**
ମନ୍ତ୍ରୀ,
ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ,
ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା, ଓଡିଶା

# ରାଜ୍ୟ ଯୋଗାଣ ନିଗମ ପ୍ରତିଷ୍ଠା ଦିବସ

## ୪୭ ବର୍ଷର ଯାତ୍ରା; ସେବା, ସ୍ୱଚ୍ଛତା ଓ ବିଶ୍ୱାସର ସଂକଳ୍ପ

କୃଷକଙ୍କ ପରିଶ୍ରମରୁ ଖାଉଟିଙ୍କ ଥାଳି ଯାଏଁ—ଖାଦ୍ୟ ସୁରକ୍ଷାର ଏହି ଦୀର୍ଘ ଯାତ୍ରାର ଏକ ବିଶ୍ୱସନୀୟ ସାଥୀ ହେଉଛି ଓଡ଼ିଶା ରାଜ୍ୟ ଯୋଗାଣ ନିଗମ। ୧୯୮୦ ମସିହାରେ ଏକ ଦୃଢ଼ ଉଦ୍ଦେଶ୍ୟ ନେଇ ଆରମ୍ଭ ହୋଇଥିବା ଏହି ଯାତ୍ରା ଆଜି ୪୭ ବର୍ଷର ସ୍ମରଣୀୟ ପର୍ଯ୍ୟାୟରେ ପହଞ୍ଚିଛି । ଏହା କେବଳ ଏକ ପ୍ରତିଷ୍ଠା ଦିବସ ନୁହେଁ; ଏହା ଦଶନ୍ଧି ଦଶନ୍ଧି ଧରି ନିଷ୍ଠା, ଦାୟିତ୍ୱ ଓ ଜନସେବାର ପଥରେ ଚାଲିଆସିଥିବା ଏକ ଅନୁଷ୍ଠାନର ଗୌରବମୟ ଯାତ୍ରାକୁ ସ୍ମରଣ କରିବାର ଅବସର।

ନିଗମର ୪୭ତମ ପ୍ରତିଷ୍ଠା ଦିବସ ଅବସରରେ ନିଗମ ପରିସର ଉତ୍ସବମୁଖର ହୋଇଉଠିଥିଲା। ଏହି ଅବସରରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଏବଂ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଶ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିଗମର ଜନମୁଖୀ କାର୍ଯ୍ୟଧାରାର ପ୍ରଶଂସା କରିଥିଲେ।



## କୃଷକଙ୍କ ସହ ନିଗମର ଦୃଢ଼ ସମ୍ପର୍କ

ଓଡ଼ିଶାର କୃଷକଙ୍କ ପରିଶ୍ରମର ଫଳ ଧାନ। ସେହି ଧାନକୁ ଯଥାସମୟରେ ସଂଗ୍ରହ କରିବାଠାରୁ ଆରମ୍ଭ କରି କୃଷକଙ୍କ ପ୍ରାପ୍ୟ ତାଙ୍କ ହାତରେ ପହଞ୍ଚାଇବା ପର୍ଯ୍ୟନ୍ତ ନିଗମ ଏକ ଗୁରୁତ୍ୱପୂର୍ଣ୍ଣ ସେତୁ ଭାବେ କାର୍ଯ୍ୟ କରିଆସୁଛି।

ମନ୍ତ୍ରୀ ଶ୍ରୀ ପାତ୍ର ନିଗମର ଏହି ଭୂମିକାକୁ ପ୍ରଶଂସା କରି କହିଥିଲେ ଯେ, ଚାଷୀମାନଙ୍କ ଧାନ ସଂଗ୍ରହଠାରୁ ଆରମ୍ଭ କରି ସେମାନଙ୍କ ପ୍ରାପ୍ୟ ପ୍ରଦାନ ପର୍ଯ୍ୟନ୍ତ ନିଗମ ତ୍ୱରିତ ପଦକ୍ଷେପ ଗ୍ରହଣ କରୁଛି। ସେହିପରି ଖାଦ୍ୟ ସୁରକ୍ଷା ଯୋଜନା ଅଧୀନରେ ହିତାଧିକାରୀମାନଙ୍କୁ ଠିକ୍ ସମୟରେ ରାସନ ସାମଗ୍ରୀ ପହଞ୍ଚାଇବାରେ ମଧ୍ୟ ନିଗମ ନିଜର ଦାୟିତ୍ୱକୁ ସଫଳତାର ସହ ନିର୍ବାହ କରୁଛି।



## ପ୍ରଯୁକ୍ତି ସହ ସ୍ୱଚ୍ଛତାର ନୂଆ ଅଧ୍ୟାୟ

ନିଗମର ପରିଚାଳନା ନିର୍ଦ୍ଦେଶକ ଶ୍ରୀ କେ. ସୁଦର୍ଶନ ଚକ୍ରବର୍ତ୍ତୀ ନିଗମର ଉଦ୍ୟମ ଓ ଉପଲବ୍ଧି ଉପରେ ଆଲୋକପାତ କରିଥିଲେ। କୃଷକଙ୍କ ସ୍ୱାର୍ଥକୁ ସର୍ବାଗ୍ରେ ରଖି ଆଧାରଭିତ୍ତିକ ପଞ୍ଜିକରଣ, ଯଥାସମୟରେ ଧାନ ସଂଗ୍ରହ ଏବଂ ଧାନ କିଣାର ୪୮ ଘଣ୍ଟା ମଧ୍ୟରେ କୃଷକଙ୍କ ପ୍ରାପ୍ୟ ପ୍ରଦାନ ଭଳି ପଦକ୍ଷେପ ନିଗମର କାର୍ଯ୍ୟପ୍ରଣାଳୀରେ ଦକ୍ଷତା ଓ ସ୍ୱଚ୍ଛତାକୁ ଆହୁରି ସୁଦୃଢ଼ କରିଛି।

ଏହି ପଦକ୍ଷେପଗୁଡ଼ିକ କେବଳ ପ୍ରଶାସନିକ ସଫଳତା ନୁହେଁ; କୃଷକଙ୍କ ପରିଶ୍ରମକୁ ସମ୍ମାନ ଦେବା ଏବଂ ସେମାନଙ୍କ ଆସ୍ଥାକୁ ଦୃଢ଼ କରିବାର ଏକ ପ୍ରୟାସ।



## ଖାଦ୍ୟ ସୁରକ୍ଷାର ଶୃଙ୍ଖଳାରେ ଏକ ଦୃଢ଼ ସେତୁ





କୃଷକଙ୍କ କ୍ଷେତରୁ ସଂଗୃହୀତ ଧାନ ଯେତେବେଳେ ରାଜ୍ୟର ଖାଦ୍ୟ ଯୋଗାଣ ବ୍ୟବସ୍ଥାର ଅଂଶ ହୁଏ, ସେତେବେଳେ ଏହା କେବଳ ଏକ ଉତ୍ପାଦ ହୋଇ ରହେ ନାହିଁ—ଏହା ଲକ୍ଷ ଲକ୍ଷ ପରିବାରର ଖାଦ୍ୟ ସୁରକ୍ଷାର ଆଧାର ପାଲଟିଯାଏ। ଏହି ବ୍ୟାପକ ବ୍ୟବସ୍ଥାରେ ରାଜ୍ୟ ଯୋଗାଣ ନିଗମ ଏକ ଗୁରୁତ୍ୱପୂର୍ଣ୍ଣ ସେତୁ ଭାବେ ନିଜ ଦାୟିତ୍ୱ ନିର୍ବାହ କରୁଛି।

ପ୍ରତିଷ୍ଠା ଦିବସରେ ଭାରତୀୟ ଖାଦ୍ୟ ନିଗମର ସାଧାରଣ ପରିଚାଳକ ଶ୍ରୀ ନିହାର ରଞ୍ଜନ ପ୍ରଧାନ ଏବଂ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ଅତିରିକ୍ତ ଶାସନ ସଚିବ ଶ୍ରୀ ଶ୍ରୀକାନ୍ତ ବେହୁରା ମଧ୍ୟ ନିଗମର କାର୍ଯ୍ୟଧାରା ଓ ଭୂମିକା ଉପରେ ଆଲୋକପାତ କରିଥିଲେ।

## ଅତୀତକୁ ସମ୍ମାନ, ଭବିଷ୍ୟତ ପାଇଁ ସଂକଳ୍ପ








୪୭ ବର୍ଷର ଯାତ୍ରାରେ ଯେଉଁମାନେ ନିଗମର ବିକାଶରେ ନିଜର ଅବଦାନ ରଖିଛନ୍ତି, ସେମାନଙ୍କୁ ସ୍ମରଣ କରିବାର ଅବସର ମଧ୍ୟ ଥିଲା ଏହି ଦିନ। ଗତ ଏକ ବର୍ଷ ମଧ୍ୟରେ ନିଗମରୁ ଅବସର ଗ୍ରହଣ କରିଥିବା ଅଧିକାରୀ ଓ କର୍ମଚାରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ଏହି ଅବସରରେ ବିଭାଗର ମାସିକ ସଂକ୍ଷିପ୍ତ ପୁସ୍ତିକା(ଇ-ମାଗାଜିନ)'ଯୋଗାଣ ଦର୍ପଣ' ମଧ୍ୟ ଉନ୍ମୋଚିତ ହୋଇଥିଲା। ଏହା ନିଗମ ଓ ବିଭାଗର କାର୍ଯ୍ୟକଳାପ, ଉଦ୍ୟମ ଓ ଉପଲବ୍ଧିକୁ ଏକ ନୂଆ ମାଧ୍ୟମରେ ଲୋକଙ୍କ ନିକଟରେ ପହଞ୍ଚାଇବାର ଏକ ପ୍ରୟାସ।



ନିଗମର ଅର୍ଥ ସାଧାରଣ ପରିଚାଳକ ଶ୍ରୀ ବିବେକାନନ୍ଦ ଦାସ ବାର୍ଷିକ ବିବରଣୀ ପାଠ କରିଥିବାବେଳେ ସାଧାରଣ ପରିଚାଳକ(ବଣ୍ଟନ)ଶ୍ରୀ ପ୍ରଭାତ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରତିଷ୍ଠା ଦିବସର ଔପଚାରିକତାକୁ ଆନନ୍ଦମୟ କରିଥିଲା ସାଂସ୍କୃତିକ କାର୍ଯ୍ୟକ୍ରମ। ଅଧିକାରୀ ଓ କର୍ମଚାରୀମାନେ ଏହି ଉତ୍ସବର ଆନନ୍ଦ ଉପଭୋଗ କରିଥିଲେ। ଏହି ଅବସରରେ ସାଧାରଣ ପରିଚାଳକ ଶ୍ରୀମତୀ ଏଲୋରା ସାମଲ, ଶ୍ରୀମତୀ ପ୍ରଣତି ପ୍ରିୟଦର୍ଶିନୀ, ବିତ୍ତ ପରାମର୍ଶଦାତା ଶ୍ରୀ ଦେବରାଜ ମଣ୍ଡଳଙ୍କ ସମେତ ନିଗମ ଓ ବିଭାଗର ବହୁ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ଚାଷୀ ପଞ୍ଜିକରଣ ପ୍ରକ୍ରିୟାକୁ ସୁବ୍ୟବସ୍ଥିତ କରିବାକୁ ବରିଷ୍ଠ ଅଧିକାରୀଙ୍କୁ ଦାୟିତ୍ୱ

ଖରିଫ ଧାନ ସଂଗ୍ରହ ବିପଣନ ଋତୁ ୨୦୨୬-୨୭ ପାଇଁ ପଞ୍ଜିକରଣ ସମାପ୍ତ ହୋଇସାରିଥିବାବେଳେ ଚଳିତବର୍ଷ ୨୨ ଲକ୍ଷ ୨୭ ହଜାର ୬୨୮ ଜଣ ଚାଷୀ ନାମ ପଞ୍ଜିକରଣ କରିଛନ୍ତି । ପ୍ରାଥମିକ କୃଷି ସମବାୟ ସମିତି(ପ୍ୟାକ୍ସ), ବୃହତ୍ ଆଦିବାସୀ ବହୁମୁଖୀ ସମବାୟ ସମିତି (ଲ୍ୟାମ୍ପସ) ଓ ପାଣି ପଞ୍ଚାୟତରେ ପଞ୍ଜିକରଣ କରାଯାଇଥିବାବେଳେ ଅଗଷ୍ଟ ୬ ତାରିଖରୁ ଏହି ଚାଷୀ ପଞ୍ଜିକରଣ ଆରମ୍ଭ ହୋଇଥିଲା ।



ଯାଜପୁର



ନବରଙ୍ଗପୁର

ସୂଚନା ମୁତାବକ, ପୂର୍ବବର୍ଷ (ଖରିଫ ଋତୁ ୨୦୨୫-୨୬)ରେ ୧୯ ଲକ୍ଷ ୬୭ ହଜାର ୮୧୨ ଜଣ ଚାଷୀ ନାମ ପଞ୍ଜିକରଣ କରିଥିଲେ । ତେବେ ଚଳିତବର୍ଷ ଧାନ ପଞ୍ଜିକରଣ ବ୍ୟବସ୍ଥାକୁ ଅଧିକ ସୁବ୍ୟବସ୍ଥିତ କରିବାକୁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ୧୨ ଜଣ ବରିଷ୍ଠ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଥିଲା । ଏହି ଅଧିକାରୀମାନେ ବିଭିନ୍ନ ଜିଲ୍ଲା ପରିଦର୍ଶନ କରିବା ସହ ଚାଷୀ ପଞ୍ଜିକରଣ ବ୍ୟବସ୍ଥାକୁ ଅନୁଧ୍ୟାନ କରିଥିଲେ । ଚାଷୀ ଭାଇଭଉଣୀମାନେ ଯେପରି ସହଜ, ସ୍ୱଚ୍ଛ ଓ ନିର୍ବିଘ୍ନ ଭାବେ ପଞ୍ଜିକରଣ କରିପାରିବେ, ସେଥିପାଇଁ ସରକାରଙ୍କ ନିର୍ଦ୍ଧାରିତ ସମସ୍ତ ନିୟମାବଳୀର ସଠିକ୍ ପାଳନ ସହ ପଞ୍ଜିକରଣ ପ୍ରକ୍ରିୟାକୁ ଅଧିକ ସୁବ୍ୟବସ୍ଥିତ କରିବାକୁ ପ୍ୟାକ୍ସ ଓ ଲ୍ୟାମ୍ପସ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା ।



ଭଦ୍ରକ

ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଶାସନ ସଚିବ, ଅତିରିକ୍ତ ଶାସନ ସଚିବ, ଯୁଗ୍ମ ଶାସନ ସଚିବ, ସାଧାରଣ ପ୍ରବନ୍ଧକ, ଅତିରିକ୍ତ ନିର୍ଦ୍ଦେଶକ, ଉପ ଶାସନ ସଚିବ, ଅନୁ ଶାସନ ସଚିବ ପ୍ରମୁଖଙ୍କୁ ଦାୟିତ୍ୱ ଦିଆଯାଇଥିଲା ।

# ପୂର୍ବବର୍ଷ ତୁଳନାରେ ବୃଦ୍ଧି ପାଇଲା ଚାଷୀଙ୍କ ସଂଖ୍ୟା

## ଧାନ ବିକ୍ରି ପାଇଁ ପଞ୍ଜିକରଣ କଲେ ୨୨ ଲକ୍ଷ ୨୭ ହଜାରରୁ ଊର୍ଦ୍ଧ୍ୱ ଚାଷୀ

ଖରିଫ ଧାନ ସଂଗ୍ରହ ବିପଣନ ଋତୁ ୨୦୨୬-୨୭ ପାଇଁ ପଞ୍ଜିକରଣ ସମାପ୍ତ ହୋଇସାରିଥିବାବେଳେ ଚଳିତବର୍ଷ ଏହା ସବୁ ରେକର୍ଡକୁ ଭାଙ୍ଗିଦେଇଛି । ଚଳିତବର୍ଷ ୨୨ ଲକ୍ଷ ୨୭ ହଜାର ୬୨୮ ଜଣ ଚାଷୀ ନାମ ପଞ୍ଜିକରଣ କରିଛନ୍ତି । ପ୍ରାଥମିକ କୃଷି ସମବାୟ ସମିତି(ପ୍ୟାକ୍ସ), ବୃହତ୍ ଆଦିବାସୀ ବହୁମୁଖୀ ସମବାୟ ସମିତି (ଲ୍ୟାମ୍ପସ) ଓ ପାଣି ପଞ୍ଚାୟତରେ ପଞ୍ଜିକରଣ କରାଯାଇଥିବାବେଳେ ଅଗଷ୍ଟ ୬ ତାରିଖରୁ ଏହି ଚାଷୀ ପଞ୍ଜିକରଣ ଆରମ୍ଭ ହୋଇଥିଲା । ପୂର୍ବବର୍ଷ(ଖରିଫ ଋତୁ ୨୦୨୫-୨୬)ରେ ୧୯ ଲକ୍ଷ ୬୭ ହଜାର ୮୧୨ ଜଣ ଚାଷୀ ନାମ ପଞ୍ଜିକରଣ କରିଥିଲେ ।



ବରଗଡ଼ ଜିଲ୍ଲାରେ ପ୍ରାୟ ୧ ଲକ୍ଷ ୮୫ ହଜାର ଜଣ ଚାଷୀ ପଞ୍ଜିକରଣ କରିଥିବାବେଳେ ପୂର୍ବ ବର୍ଷ ଏହି ସଂଖ୍ୟା ୧ ଲକ୍ଷ ୬୩ ହଜାର ଥିଲା । କଳାହାଣ୍ଡିରେ ପ୍ରାୟ ୧ ଲକ୍ଷ ୩୬ ହଜାର ଜଣ ଚାଷୀ ପଞ୍ଜିକରଣ କରିଥିବାବେଳେ ପୂର୍ବ ବର୍ଷ ଏହି ସଂଖ୍ୟା ୧ ଲକ୍ଷ ୨୧ ହଜାର ଥିଲା । ଗଞ୍ଜାମ ଜିଲ୍ଲାରେ ପ୍ରାୟ ୧ ଲକ୍ଷ ୮୨ ହଜାର ଜଣ ଚାଷୀ ପଞ୍ଜିକରଣ କରିଥିବାବେଳେ ପୂର୍ବ ବର୍ଷ ଏହି ସଂଖ୍ୟା ୧ ଲକ୍ଷ ୫୬ ହଜାର ଥିଲା । ବାଲେଶ୍ୱର ଜିଲ୍ଲାରେ ୧ ଲକ୍ଷ ୨୫ ହଜାର ଓ ବଲାଙ୍ଗୀର ଜିଲ୍ଲାରେ ପ୍ରାୟ ୧ ଲକ୍ଷ ୨୩ ହଜାର ଜଣ ଚାଷୀ ପଞ୍ଜିକରଣ କରିଛନ୍ତି। ମୟୁରଭଞ୍ଜ ଜିଲ୍ଲାରେ ୧ ଲକ୍ଷ ୮ ହଜାର ଜଣ ଚାଷୀ ନାମ ପଞ୍ଜିକରଣ କରିଥିବାବେଳେ ରାଜ୍ୟର ଅନ୍ୟ ଜିଲ୍ଲାମାନଙ୍କରେ ମଧ୍ୟ ବିଗତ ବର୍ଷକୁ ତୁଳନା କଲେ ଚଳିତ ବର୍ଷ ଅଧିକ ଚାଷୀ ପଞ୍ଜିକରଣ କରିଥିଲେ ।

ରାଜ୍ୟରେ ୨୯୬୧ଟି ପ୍ୟାକ୍ସ/ ଲ୍ୟାମ୍ପସ ଥିବାବେଳେ ୪ଟି ପାଣି ପଞ୍ଚାୟତରେ ଏଥର ପଞ୍ଜିକରଣ ସମ୍ପନ୍ନ ହୋଇଥିଲା । ବିଶେଷ ଭାବେ, ଚଳିତ ବର୍ଷ ମୟୁରଭଞ୍ଜ ଜିଲ୍ଲାରେ ୧୨୯ ପ୍ରତିଶତ, କେନ୍ଦ୍ରାପଡାରେ ୧୨୫ ପ୍ରତିଶତ, ଜଗତସିଂହପୁର ଜିଲ୍ଲାରେ ୧୨୩ ପ୍ରତିଶତ ଚାଷୀ ନାମ ପଞ୍ଜିକରଣ କରିଥିବାବେଳେ ପୁରୀରେ ୧୨୨ ପ୍ରତିଶତ, ସୁନ୍ଦରଗଡ ଓ କେନ୍ଦୁଝରରେ ୧୧୯ ପ୍ରତିଶତ, ନୟାଗଡ ଓ କନ୍ଧମାଳରେ ୧୧୮ ପ୍ରତିଶତ ଚାଷୀ ଏହି ପ୍ରକ୍ରିୟାରେ ସାମିଲ ହୋଇଥିଲେ । ଚଳିତ ପଞ୍ଜିକରଣ ପ୍ରକ୍ରିୟା ବିଭିନ୍ନ ବିଭାଗ ଯଥା-ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ, ସମବାୟ ବିଭାଗ, କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଓ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ସମନ୍ୱୟରେ କରାଯାଇଥିଲା ।



# ମାନ୍ୟବର ମନ୍ତ୍ରୀ ଚଳିତ ମାସରେ ଗ୍ରହଣ କରିଥିବା ଜନକଲ୍ୟାଣକାରୀ ପଦକ୍ଷେପ

ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ମନ୍ତ୍ରୀ ଶ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସେପ୍ଟେମ୍ବର ମାସରେ ବିଭିନ୍ନ ଜିଲ୍ଲା ଗସ୍ତରେ ଯାଇ ଜନକଲ୍ୟାଣକାରୀ ପଦକ୍ଷେପ ନେବା ସହ ବିଭାଗୀୟ କାର୍ଯ୍ୟକଳାପର ସମୀକ୍ଷା ମଧ କରିଥିଲେ । ମାନ୍ୟବର ମନ୍ତ୍ରୀ ପୁରୀ ଜିଲ୍ଲା ଗସ୍ତ ଅବସରରେ ତାଳବଣିଆସ୍ଥିତ ବୈଧ ମାପ ବିଜ୍ଞାନର ଉପ ନିୟନ୍ତ୍ରକ ଓ ସହକାରୀ ନିୟନ୍ତ୍ରକଙ୍କ ନବନିର୍ମିତ କାର୍ଯ୍ୟାଳୟ ଉଦଘାଟନ କରିଥିଲେ । ସେହିପରି ଶ୍ରୀ ପାତ୍ର କେନ୍ଦୁଝର ଜିଲ୍ଲା ଗସ୍ତରେ ଯାଇ ଆନନ୍ଦପୁରସ୍ଥିତ ବୈଧ ମାପ ବିଜ୍ଞାନ, ନିରୀକ୍ଷକଙ୍କ ନବନିର୍ମିତ କାର୍ଯ୍ୟାଳୟ ମଧ ଉଦଘାଟନ କରିଥିଲେ । ଏହି ୨ଟି ନୂତନ କାର୍ଯ୍ୟାଳୟ କାର୍ଯ୍ୟକ୍ଷମ ହେବା ଦ୍ୱାରା ଓଜନ ଓ ମାପ ସମ୍ପର୍କିତ ବିଭିନ୍ନ ସେବା ଜନସାଧାରଣଙ୍କ ନିକଟରେ ଅଧିକ ସହଜ, ଶୀଘ୍ର ଓ ସୁବ୍ୟବସ୍ଥିତ ଭାବେ ପହଞ୍ଚିପାରୁଛି ।






ସେହିପରି ବିଭାଗୀୟ ମନ୍ତ୍ରୀ ଚଳିତ ମାସରେ କଟକ ଓ ଢେଙ୍କାନାଳ ଗସ୍ତରେ ଯାଇ ନୂଆ ହିତାଧିକାରୀମାନଙ୍କୁ ରାସନ କାର୍ଡ ବଣ୍ଟନ କରିଥିଲେ । ସେହିପରି ଯାଜପୁର ଜିଲ୍ଲା ଗସ୍ତରେ ଯାଇ ବ୍ୟାସନଗରଠାରେ ବିଭାଗୀୟ କାର୍ଯ୍ୟକ୍ରମର ମଧ ସମୀକ୍ଷା କରିଥିଲେ । ଏହି ଅବସରରେ ଜିଲ୍ଲାର ପିଡିଏସ୍ ବ୍ୟବସ୍ଥାର ସୁଦୃଢ଼ କାର୍ଯ୍ୟାନ୍ୱୟନ ନେଇ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେବା ସହ ବନ୍ୟା ବିପନ୍ନଙ୍କୁ ଚାଉଳ ବଣ୍ଟନ ମଧ କରିଥିଲେ ।

ଚଳିତ ମାସରେ ବିଭାଗୀୟ ମନ୍ତ୍ରୀ କେନ୍ଦୁଝର ଓ ଅନୁଗୋଳ ଜିଲ୍ଲାଗସ୍ତ କରି ଜିଲ୍ଲାର ସାଧାରଣ ବଣ୍ଟନ ବ୍ୟବସ୍ଥା (PDS) ଓ ଧାନ ସଂଗ୍ରହ କାର୍ଯ୍ୟକ୍ରମର ମଧ ସମୀକ୍ଷା କରିଥିଲେ । ସମୀକ୍ଷା ସମୟରେ ଜିଲ୍ଲାରେ ଖାଦ୍ୟ ଯୋଗାଣ ବ୍ୟବସ୍ଥା, ଖାଉଟି କଲ୍ୟାଣ ସମ୍ପର୍କିତ ବିଭିନ୍ନ ଯୋଜନାର କାର୍ଯ୍ୟାନ୍ୱୟନ, ହିତାଧିକାରୀଙ୍କ ନିକଟରେ ସେବା ପହଞ୍ଚିବାର ସ୍ଥିତିଏବଂ ବିଭାଗୀୟ କାର୍ଯ୍ୟରେ ଥିବା ସମସ୍ୟା ସମ୍ପର୍କରେ ଅଧିକାରୀମାନଙ୍କଠାରୁ ତଥ୍ୟ ନେଇଥିଲେ । ସେହିପରି ଚଳିତ ମାସ 'ଓଡ଼ିଶା ରାଜ୍ୟ ଯୋଗାଣ ନିଗମ'ର ୪୭ତମ ପ୍ରତିଷ୍ଠା ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିଗମର କାର୍ଯ୍ୟଧାରାର ଉଚ୍ଚ ପ୍ରଶଂସା କରିଥିଲେ । ଚାଷୀମାନଙ୍କ ଧାନ ସଂଗ୍ରହଠାରୁ ଆରମ୍ଭକରି ଖାଦ୍ୟ ସୁରକ୍ଷା ଯୋଜନା ଅନ୍ତର୍ଗତ ହିତାଧିକାରୀ ମାନଙ୍କୁ ସମୟାନୁସାରେ ରାସନ ସାମଗ୍ରୀ ପ୍ରଦାନ କରିବାରେ ନିଗମ ସଫଳ ହୋଇଛି ବୋଲି ମନ୍ତ୍ରୀ ଏହି ଅବସରରେ ପ୍ରକାଶ କରିଥିଲେ ।



# ଯାନବାହନ ଅବସ୍ଥାନ ଟ୍ରାକିଂ

## CCEC ଠାରେ ଏକୀକୃତ ଡ୍ୟାସବୋର୍ଡ ମାଧ୍ୟମରେ GPS ଆଧାରିତ ଯାନ ଟ୍ରାକିଂ ପ୍ରଣାଳୀର ନିରୀକ୍ଷଣ



ସ୍ୱଚ୍ଛ, ସୁରକ୍ଷିତ ଓ ଦକ୍ଷ ପରିବହନର ସ୍ମାର୍ଟ ପଦକ୍ଷେପ ଭାବେ ଯାନବାହନ ଅବସ୍ଥାନ ଟ୍ରାକିଂ ବ୍ୟବସ୍ଥାକୁ ଆପଣାଇଛି ଓଡ଼ିଶା ରାଜ୍ୟ ଖାଦ୍ୟ ଯୋଗାଣ ନିଗମ । ଡିପୋରୁ ଗନ୍ତବ୍ୟସ୍ଥଳ ପର୍ଯ୍ୟନ୍ତ ପ୍ରତ୍ୟେକ ଯାନବାହନର ଅବସ୍ଥାନ ଉପରେ ନିରନ୍ତର ନଜର ସହ ମାର୍ଗ ପରିବର୍ତ୍ତନ, ଅସ୍ୱାଭାବିକ ବିଳମ୍ବ କିମ୍ବା ଦୀର୍ଘ ସମୟ ଅଟକି ରହିବା ଭଳି ଘଟଣାକୁ ତୁରନ୍ତ ଚିହ୍ନଟ କରି ଚୋରି ଓ ଅନିୟମିତତାକୁ ରୋକିବାରେ ବେଶ ସହାୟକ ହୋଇପାରିଛି । ସ୍ମାର୍ଟ ପରିଚାଳନା ସହ ଉତ୍ତମ ମାର୍ଗ ଚୟନ, ଅଧିକ କାର୍ଯ୍ୟକୁଶଳତା ଏବଂ ସୁଦୃଢ଼ ପରିବହନ ବ୍ୟବସ୍ଥାକୁ ସୁନିଶ୍ଚିତ କରିଛି ।




ତଥ୍ୟ ମୁତାବକ ଚଳିତ ମାସ(ସେପ୍ଟେମ୍ବର)ରେ ଧାନ ମିଲରୁ ଡିପୋକୁ ଚାଉଳ ପରିବହନ ପାଇଁ ସମୁଦାୟ ୨୪,୧୯୭ଟି ଚାଲାଣ ଜାରି କରାଯାଇଥିଲା । ସେହିପରି ଭିଏଲଟିଡି ବ୍ୟବସ୍ଥାରେ ସମୁଦାୟ ୨୩,୨୦୦ଟି ଟ୍ରିପ ହୋଇଥିଲା । ୯୯୭ଟି ଟ୍ରିପରେ ଭିଏଲଟିଡି ବ୍ୟବହାର ହୋଇନଥିବାବେଳେ ୯୬ ପ୍ରତିଶତ ଭିଏଲଟିଡି ବ୍ୟବସ୍ଥା ବ୍ୟବହାର କରାଯାଇଥିଲା ।

GPS ଆଧାରିତ ଯାନ ଟ୍ରାକିଂ ନିମନ୍ତେ ମୋବାଇଲ୍ ଆପ୍ଲିକେସନ୍

## ୧୯୬୭-ହେଲ୍ପଲାଇନ ନମ୍ବର: ଜନସାଧାରଣଙ୍କ ପାଇଁ ସବୁ ସମୟରେ ସଜାଗ

ରବି ଧାନ ବିକ୍ରି ସମେତ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ସମେତ ବିଭାଗ ସମ୍ବନ୍ଧୀୟ ଅନ୍ୟ କୌଣସି ପ୍ରଶ୍ନର ଉତ୍ତର ଦେବାକୁ ସଦାସର୍ବଦା ପ୍ରସ୍ତୁତ ହୋଇ ରହିଛି '୧୯୬୭' ହେଲ୍ପଲାଇନ ନମ୍ବର । ପ୍ରତିଦିନ ସକାଳ ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ କଲ୍ ସେଣ୍ଟର ଚାଲୁଥିବାବେଳେ ରାଜ୍ୟବାସୀଙ୍କ ପ୍ରଶ୍ନ ଉତ୍ତର ସହ ବିଭିନ୍ନ ସମସ୍ୟାର ସମାଧାନ କିଭଳି କରାଯାଇପାରିବ, ଅଧିକାରୀଙ୍କୁ କିଭଳି ସମସ୍ୟା ବାବଦରେ ଅବଗତ କରାଯିବ, ସେହି କାର୍ଯ୍ୟକୁ ପ୍ରଯୁକ୍ତିବିଦ୍ୟା ଆଧାରିତ ବ୍ୟବସ୍ଥା ଦ୍ୱାରା କରାଯାଏ ।

**ସେପ୍ଟେମ୍ବର ୨୦୨୪**

| | |
|---|---|
| ସମୁଦାୟ କଲ | ୫,୨୧୧ |
| ଫୋନ କଲ ଗ୍ରହଣ କରାଯାଇଥିଲା | ୫,୧୦୦ |
| ଫୋନ କଲ ସମ୍ଭବ ହୋଇପାରିନଥିବା | ୧୧୧ |
| ବିଭାଗ ପକ୍ଷରୁ କଲ କରାଯାଇଥିଲା | ୨,୧୨,୪୫୨ |
| ଫୋନ କଲ ଯୋଗାଯୋଗ ସମ୍ଭବ | ୬୧,୭୨୭ |
| ଫୋନ କଲ ଯୋଗାଯୋଗ ହୋଇନଥିବା | ୧,୫୦,୭୨୫ |

ଚଳିତ ସେପ୍ଟେମ୍ବର ମାସରେ ୧୯୬୭ ହେଲ୍ପଲାଇନକୁ ସମୁଦାୟ ୫,୨୧୧ଟି କଲ ଆସିଥିବାବେଳେ ୫,୧୦୦ଟି ଫୋନ କଲକୁ ଗ୍ରହଣ କରାଯାଇଥିଲା । ସେହିପରି ୧୧୧ଟି ଫୋନ କଲ ସମ୍ଭବ ହୋଇପାରିନଥିବାବେଳେ ୨ ଲକ୍ଷ ୧୨ ହଜାର ୪୫୨ ଜଣଙ୍କୁ ବିଭାଗ ପକ୍ଷରୁ କଲ କରାଯାଇଥିଲା । ଏଥିମଧ୍ୟରୁ ୬୧,୭୨୭ ଫୋନ କଲ ଯୋଗାଯୋଗ ସମ୍ଭବ ହୋଇଥିବାବେଳେ ୧,୫୦,୭୨୫ଟି ଫୋନ କଲ କେହି ଉଠାଇନଥିଲେ ବା ଯୋଗାଯୋଗ ସମ୍ଭବ ହୋଇପାରିନଥିଲା ।

**୧୯୬୭ ହେଲ୍ପଲାଇନ**

## ରନ୍ଧନଗ୍ୟାସ କଳାବଜାରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନର ତଥ୍ୟ



ଖାଉଟିଙ୍କ ଅଧିକାରର ସୁରକ୍ଷା ଓ ଖାଉଟିଙ୍କୁ ଠକୁଥିବା ବ୍ୟକ୍ତିଙ୍କ ବିରୋଧରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ କଡା କାର୍ଯ୍ୟାନୁଷ୍ଠାନ ନିଆଯାଇଛି । ବିଶେଷ କରି ବେଆଇନ ଭାବେ ଗ୍ୟାସ ସିଲିଣ୍ଡର ଠୁଳ କରି ରଖୁଥିବା ବ୍ୟକ୍ତିବିଶେଷଙ୍କ ବିରୋଧରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା ।

## କଳାବଜାର ଉଦ୍ଦେଶ୍ୟରେ ବେଆଇନ ଭାବେ ଗ୍ୟାସ ସିଲିଣ୍ଡର ରଖୁଥିବା ବ୍ୟକ୍ତିବିଶେଷଙ୍କ ବିରୋଧରେ ସେପ୍ଟେମ୍ବର ମାସରେ କାର୍ଯ୍ୟାନୁଷ୍ଠାନର ତଥ୍ୟ



# ସେପ୍ଟେମ୍ବର ମାସରେ ଉଠାଣ ଚାଉଳର ପରିମାଣ

ରାଜ୍ୟର ଲକ୍ଷ ଲକ୍ଷ ହିତାଧିକାରୀଙ୍କୁ ଖାଦ୍ୟ ସୁରକ୍ଷା ଦେବା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ଯୋଜନାରେ ଚାଉଳ ବଣ୍ଟନ କରିଆସୁଛନ୍ତି ।

ରାଜ୍ୟରେ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଅନ୍ତର୍ଭୁକ୍ତ ସମସ୍ତ ହିତାଧିକାରୀମାନଙ୍କ ପାଇଁ ରାଜ୍ୟରେ ଲିକେଜ୍-ମୁକ୍ତ ପିଡ଼ିଏସ ବ୍ୟବସ୍ଥାକୁ ଆପଣାଯାଇଥିବାବେଳେ ସେପ୍ଟେମ୍ବର ମାସରେ କେତେ ଚାଉଳ ଉଠାଣ କରାଯାଇଥିଲା ତାହାର ବିବରଣୀ ଦିଆଯାଇଛି ।



## ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଅଧୀନରେ

୦୧ — **୯୭.୫୦ ଲକ୍ଷ ପରିବାର ସଂଖ୍ୟା**
ଜାତୀୟ ଖାଦ୍ୟ ସୁରକ୍ଷା ଆଇନ(NFSA) ଅଧୀନରେ

୦୨ — **୩୨୦.୧୫ ଲକ୍ଷ**
NFSA ପରିବାର ସଦସ୍ୟଙ୍କ ସଂଖ୍ୟା

୦୩ — **୫.୧୩ ଲକ୍ଷ ପରିବାର**
ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା (SFSS) ମାଧ୍ୟମରେ

୦୪ — **୧୦.୨୭ ଲକ୍ଷ**
SFSS ହିତାଧିକାରୀଙ୍କୁ

୦୫ — **ଅତିରିକ୍ତ ୫ କିଲୋଗ୍ରାମ**
ଖାଦ୍ୟଶସ୍ୟ ଯୋଗାଇ ଦିଆଯାଉଛି

୦୬ — **୧୦.୨୭ ଲକ୍ଷ ସଦସ୍ୟ**
SFSS ପରିବାରର

୦୭ — **୫.୧୩ ଲକ୍ଷ ପରିବାରର**
SFSS ପରିବାରର

୦୮ — **୩୨୦.୧୫ ଲକ୍ଷ ସଦସ୍ୟ**
NFSA ପରିବାରର

୦୯ — **୯୭.୫୦ ଲକ୍ଷ ପରିବାରର**
ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ମାଧ୍ୟମରେ

ଜାତୀୟ ଖାଦ୍ୟ ସୁରକ୍ଷା ଆଇନ(NFSA) ଅଧୀନରେ ଓଡ଼ିଶାରେ ହିତାଧିକାରୀ ପରିବାର ସଂଖ୍ୟା ୯୭.୫୦ ଲକ୍ଷ ଏବଂ ପରିବାର ସଦସ୍ୟଙ୍କ ସଂଖ୍ୟା ୩୨୦.୧୫ ଲକ୍ଷ। ଓଡ଼ିଶା ସରକାରଙ୍କ ନିଜସ୍ୱ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା (SFSS) ମାଧ୍ୟମରେ ୫.୧୩ ଲକ୍ଷ ପରିବାରର ୧୦.୨୭ ଲକ୍ଷ ହିତାଧିକାରୀଙ୍କୁ, ମୁଣ୍ଡପିଛା ମାସିକ ୫ କିଲୋଗ୍ରାମ ଖାଦ୍ୟଶସ୍ୟ ମାଗଣାରେ ଯୋଗାଇ ଦିଆଯାଉଛି। ଓଡ଼ିଶା ସରକାରଙ୍କ ନିଜସ୍ୱ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ମାଧ୍ୟମରେ, ୯୭.୫୦ ଲକ୍ଷ NFSA ପରିବାରର ୩୨୦.୧୫ ଲକ୍ଷ ସଦସ୍ୟ ଏବଂ ୫.୧୩ ଲକ୍ଷ SFSS ପରିବାରର ୧୦.୨୭ ଲକ୍ଷ ସଦସ୍ୟଙ୍କୁ, ମୁଣ୍ଡପିଛା ମାସିକ ଅତିରିକ୍ତ ୫ କିଲୋଗ୍ରାମ ଖାଦ୍ୟଶସ୍ୟ ମାଗଣାରେ ଯୋଗାଇ ଦିଆଯାଉଛି।

## ସେପ୍ଟେମ୍ବର ମାସରେ ଉଠାଣ ଚାଉଳର ପରିମାଣ



**ଅଗ୍ରାଧିକାର ପରିବାର (PHH)**
**(ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା)**
**ପାଇଁ**
**୧୩,୦୬,୪୯୧ କୁଇଣ୍ଟାଲ**

**ଅନ୍ତ୍ୟୋଦୟ ଅନ୍ନ ଯୋଜନା (AAY)**
**(ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା)**
**ପାଇଁ**
**୧,୮୩,୬୯୯ କୁଇଣ୍ଟାଲ**

**ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା(SFSS)**
**(ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା)ପାଇଁ**
**୬୭,୭୭୫ କୁଇଣ୍ଟାଲ ଚାଉଳ**

## ଅନ୍ତ୍ୟୋଦୟ ଅନ୍ନ ଯୋଜନା (ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା)

ସେହିପରି ଅନ୍ତ୍ୟୋଦୟ ଅନ୍ନ ଯୋଜନା (ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା) ପାଇଁ ୧,୮୩,୬୯୯ କୁଇଣ୍ଟାଲ, ଅଗ୍ରାଧିକାର ପରିବାର (ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା) ପାଇଁ ୧୩,୦୬,୪୯୧ କୁଇଣ୍ଟାଲ, ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା(ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା) ପାଇଁ ୬୭,୭୭୫ କୁଇଣ୍ଟାଲ ଚାଉଳ ଉଠାଣ କରାଯାଇଛି ।

ତେବେ ଅଗ୍ରାଧିକାର ପରିବାର (PRIORITY HOUSEHOLD) ପାଇଁ ୧୨,୪୮,୩୮୩ କୁଇଣ୍ଟାଲ ଚାଉଳ, ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ପାଇଁ ୪୮,୬୩୮ କୁଇଣ୍ଟାଲ ଚାଉଳ, ଅନ୍ତ୍ୟୋଦୟ ଅନ୍ନ ଯୋଜନା (AAY) ପାଇଁ ୪,୧୯,୬୧୦ କୁଇଣ୍ଟାଲ ଚାଉଳ ଉଠାଣ କରାଯାଇଛି |

କଲ୍ୟାଣକାରୀ ଅନୁଷ୍ଠାନ ଏବଂ ଛାତ୍ରାବାସ ଯୋଜନା ପାଇଁ ୪,୯୬୪ କୁଇଣ୍ଟାଲ, ବନ୍ୟା ବିପନ୍ନଙ୍କ ପାଇଁ ୧୦,୬୦୦୭ କୁଇଣ୍ଟାଲ ଚାଉଳ ଉଠାଣ କରାଯାଇଛି ।

# ସେବା ସଂକଳ୍ପ ଅଭିଯାନର ଆରମ୍ଭ









ଜନସାଧାରଣଙ୍କୁ ସମସ୍ତ ସରକାରୀ ସେବା ତ୍ୱରିତ, ସ୍ୱଚ୍ଛ ଓ ସୁବିଧାଜନକ ଭାବେ ଯୋଗାଇଦେବା ଲକ୍ଷ୍ୟରେ ଚଳିତମାସ ୧୭ ତାରିଖଠାରୁ 'ସେବା ସଂକଳ୍ପ ଅଭିଯାନ' ଆରମ୍ଭ ହୋଇଥିଲା। ଜନସାଧାରଣଙ୍କୁ ସମସ୍ତ ସରକାରୀ ସେବା ତ୍ୱରିତ, ସ୍ୱଚ୍ଛ ଓ ସୁବିଧାଜନକ ଭାବେ ଯୋଗାଇଦେବା ଲକ୍ଷ୍ୟରେ ଏକ ମାସ ଧରି ରାଜ୍ୟବ୍ୟାପୀ 'ସେବା ସଂକଳ୍ପ ଅଭିଯାନ' ଜାରି ରହିବ।

ସେହିପରି 'ସେବା ସଂକଳ୍ପ ଅଭିଯାନ' ଅବସରରେ ଏକ ମାସ ଧରି ଜନସେବାକୁ ଅଧିକ ସୁଗମ, ସ୍ୱଚ୍ଛ ଓ ଲୋକାଭିମୁଖୀ କରିବା ଲକ୍ଷ୍ୟରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ବିଭିନ୍ନ ଜନକଲ୍ୟାଣମୂଳକ ପଦକ୍ଷେପ ଓ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ହିତାଧିକାରୀଙ୍କ ସମସ୍ୟାର ତ୍ୱରିତ ସମାଧାନ, ଅଭିଯୋଗର ପ୍ରଭାବୀ ନିବାରଣ, ଆବଶ୍ୟକ ସହାୟତା ପ୍ରଦାନ ସହ ସୁଲଭ ମୂଲ୍ୟ ଦୋକାନଗୁଡ଼ିକର ସେବା ଓ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ସମ୍ପର୍କରେ ଜନସଚେତନତା ସୃଷ୍ଟି ଏହି ଅଭିଯାନର ପ୍ରମୁଖ ଅଂଶ।




ସେବା ସଂକଳ୍ପ ଅଭିଯାନ ଅଧୀନରେ ସେପ୍ଟେମ୍ବର ୧୭ ତାରିଖରେ ଆଶୀର୍ବାଦର ଦୀପ ସମସ୍ତେ ପ୍ରଜ୍ୱଳନ କରିଥିବାବେଳେ ୨୦ରୁ ୨୭ ସେପ୍ଟେମ୍ବର ମଧ୍ୟରେ ପିଡ଼ିଏସ ହିତାଧିକାରୀ ସଚେତନତା ଅଭିଯାନ କରାଯାଇଥିଲା । ଏହି ଅଭିଯାନରେ ହିତାଧିକାରୀଙ୍କୁ ପିଡ଼ିଏସ ସୁବିଧା, ଖାଦ୍ୟଶସ୍ୟ ପରିମାଣ ବଣ୍ଟନ ପ୍ରକ୍ରିୟା ଓ ଅଭିଯୋଗ ସମାଧାନ ବାବଦରେ ସଚେତନ କରାଯାଇଥିଲା । ସେହିପରି ୨୮ ସେପ୍ଟେମ୍ବର ଠାରୁ ୩୦ ସେପ୍ଟେମ୍ବର ମଧ୍ୟରେ ରାସନ କାର୍ଡ, ପିଡ଼ିଏସ ସେବା ଶିବିର ଆୟୋଜିତ ହୋଇଥିଲା । ଏହି ସମୟରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ସେବା ସେତୁ ଶିବିର ଆୟୋଜନ କରାଯାଇଥିଲା । ରାସନ କାର୍ଡ ସହ ଜଡିତ କୌଣସି ସମସ୍ୟା, ପରିବାର ସଦସ୍ୟଙ୍କ ନାମ ଯୋଡିବା ହେଉକି ବାଦ ଦେବା ହେଉ ଏହି ଶିବିର ମାଧ୍ୟମରେ ସେବା ଯୋଗାଇ ଦିଆଯାଇଥିଲା । ସେହିପରି ଯୋଗ୍ୟ ହିତାଧିକାରୀ ଏହି ଶିବିର ମାଧ୍ୟମରେ ନୂତନ ରାସନ କାର୍ଡ ପାଇଁ ମଧ୍ୟ ଆବେଦନ କରିପାରିଥିଲେ । କେବଳ ଏତିକି ନୁହେଁ, ହିତାଧିକାରୀମାନଙ୍କୁ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନଯୋଜନା, 'ୱାନ୍ ନେସନ୍ ୱାନ୍ରାସନ୍ କାର୍ଡ', ଅନ୍ତ୍ୟୋଦୟ ଅନ୍ନ ଯୋଜନା ଏବଂ ଅଗ୍ରାଧିକାର ପରିବାର (PHH) ର ଅଧିକାରକୁ ନେଇ ସଚେତନ କରାଯାଇଥିଲା ।

# ଷ୍ଟାଫ କର୍ଣ୍ଣର



ଚଳିତ ମାସରେ ଓଡ଼ିଶା ରାଜ୍ୟ ଯୋଗାଣ ନିଗମ କାର୍ଯ୍ୟାଳୟ ପରିସରରେ ୪୭ ତମ ପ୍ରତିଷ୍ଠା ଦିବସ ପାଳନ କରାଯାଇଥିଲା । ଏଥିରେ ବିଭାଗୀୟ ମନ୍ତ୍ରୀ ଶ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ନିଗମର ଅବସରପ୍ରାପ୍ତ କର୍ମଚାରୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।
















**ଓଡ଼ିଶା ରାଜ୍ୟ ଯୋଗାଣ ନିଗମ ଲିଃ**

ସି/୨, ନୀଳକଣ୍ଠ ନଗର, ନୟାପଲ୍ଲୀ, ଭୁବନେଶ୍ୱର, ଓଡ଼ିଶା

୭୫୧୦୧୨,(୯୧+୬୭୪) ୨୩୯୫୩୯୧, ୨୩୯୫୩୯୨